# NATIONAL NEWS BULLETIN (ODIA)

## 10th May' 2026

## Mid-day Bulletin : 1.50 p.m.

***************************************

## <u>ମୁଖ୍ୟ ସମ୍ବାଦ</u>

- ପରିବେଶଗତ ଦାୟିତ୍ୱ, ଯୁବ ସଶକ୍ତୀକରଣ ଏବଂ ଆନ୍ତରିକ କଲ୍ୟାଣ ମାଧ୍ୟମରେ ବିକଶିତ ଭାରତ ନିର୍ମାଣପାଇଁ ସାମୂହିକ ପ୍ରୟାସ ଉପରେ ଗୁରୁତ୍ୱ ଦେଲେ ପ୍ରଧାନମନ୍ତ୍ରୀ ।

— ହାଇଦ୍ରାବାଦଠାରେ ଆଜି ଅପରାହ୍ଣରେ ୯ ହଜାର ୪୦୦ କୋଟି ଟଙ୍କାର ବହୁବିଧ ପ୍ରକଳ୍ପର କରିବେ ଉଦ୍‌ଘାଟନ ଓ ଶିଳାନ୍ୟାସ ।

- ତାମିଲନାଡ୍ରୁର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ ଟି.ଭି.କେ. ମୁଖ୍ୟ ସି. ଯୋଶେଫ୍ ବିଜୟ ।

- ଆସାମ ବି.ଜେ.ପି. ନବନିର୍ବାଚିତ ବିଧାୟକ ଦଳ ନେତାଭାବେ ମନୋନୀତ ହେଲେ ଡକ୍ଟର ହିମନ୍ତ ବିଶ୍ୱଶର୍ମା ।

- ପଶ୍ଚିମ ଏସିଆ ପ୍ରସଙ୍ଗ ନେଇ ଆମେରିକା ଓ କାତାର ମଧ୍ୟରେ ମିଆମିଠାରେ ହୋଇଛି ଆଲୋଚନା ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଖେଳାଯିବ ଦୁଇଟି ମ୍ୟାଚ୍ ।

## ପି.ଏମ୍. - ଭିଜିଟ୍

ପରିବେଶଗତ ଦାୟିତ୍ୱ, ଯୁବ ସଶକ୍ତୀକରଣ ଏବଂ ଆନ୍ତରିକ କଲ୍ୟାଣ ମାଧ୍ୟମରେ ଏକ ବିକଶିତ ଭାରତ ନିର୍ମାଣପାଇଁ ସାମୂହିକ ପ୍ରୟାସ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱାରୋପ କରିଛନ୍ତି । ବେଙ୍ଗାଲୁରୁରେ ଆର୍ଟ ଅଫ୍ ଲିଭିଙ୍ଗ୍ ସଂସ୍ଥାର ୪୫ତମ ବାର୍ଷିକ ସମାରୋହରେ ଅଂଶଗ୍ରହଣ କରିବା ସହିତ ନବନିର୍ମିତ ଧ୍ୟାନମନ୍ଦିରକୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ମୋଦି ଏହା କହିଛନ୍ତି । ସେ କହିଛନ୍ତି, ସେବା, ଆଧ୍ୟାତ୍ମିକତା ଏବଂ ସାମାଜିକ ପରିବର୍ତ୍ତନକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଆର୍ଟ ଅଫ୍ ଲିଭିଙ୍ଗ୍ ଫାଉଣ୍ଡେସନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ସାମାଜିକ ସ୍ତରରେ ଅଂଶଗ୍ରହଣ, ରାଜନୈତିକ ବ୍ୟବସ୍ଥା ଅପେକ୍ଷା ଅଧିକ ଶକ୍ତିଶାଳୀ ଏବଂ ରାଷ୍ଟ୍ର ନିର୍ମାଣପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ମୋଦି କହିଛନ୍ତି ।

***Voice (PM on Youth)*** :.........

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଆଜି କର୍ଣ୍ଣାଟକ ଏବଂ ତେଲଙ୍ଗାନା ଗସ୍ତରେ ଅଛନ୍ତି । ହାଇଦ୍ରାବାଦଠାରେ ଅପରାହ୍ଣରେ ଶ୍ରୀ ମୋଦି ପ୍ରାୟ ୯ ହଜାର

୪୦୦ କୋଟି ଟଙ୍କାର ବହୁବିଧ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ।

## ଟି.ଏନ୍. - ସ୍ୱିୟରିଂ ଇନ୍

ତାମିଲଗା ଭେଟ୍ରି କାଝାଗମ୍ - ଟି.ଭି.କେ.ର ମୁଖ୍ୟ ସି. ଯୋଶେଫ ବିଜୟ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ଶପଥ ଗ୍ରହଣ ସମାରୋହରେ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର’ ଶ୍ରୀ ବିଜୟଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ତାଙ୍କ ସହିତ ୯ ଜଣ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ସେଥିରେ କ୍ୟାବିନେଟ୍ ମନ୍ତ୍ରୀ ଭାବେ କେ.ଜି. ଅରୁଣରାଜ, ଆଧବ ଅର୍ଜୁନ, ଏନ୍. ଆନନ୍ଦ, ସେଲ୍‌ଭି ଏସ୍. କିର୍‌ଥାନା ଏବଂ ଡକ୍ଟର ଟି.ଠକେ. ପ୍ରଭୁ ପ୍ରମୁଖ ଅଛନ୍ତି । ଶପଥ ଗ୍ରହଣ ସମାରୋହରେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧି ଏବଂ ତାମଲି ଚଳଚ୍ଚିତ୍ର ଶିଳ୍ପର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

କଂଗ୍ରେସ, ସି.ପି.ଆଇ., ସି.ପି.ଆଇ.ଏମ୍. ଭି.ସି.କେ. ଏବଂ ଆଇ.ୟୁ.ଏମ୍.ଏଲ୍. ସହଯୋଗରେ ଶ୍ରୀ ବିଜୟ ୨୩୪ ସଦସ୍ୟ ବିଶିଷ୍ଟ ଗୃହରେ ୧୨୦ ଜଣ ବିଧାୟକଙ୍କ ସମର୍ଥନ ଲାଭ କରିଛନ୍ତି । ଆସନ୍ତା

ବୁଧବାର ଦିନ ବିଧାନସଭାରେ ବିଶ୍ୱାସ ଭୋଟ୍‌ର ସମ୍ମୁଖୀନ ହେବାକୁ ରାଜ୍ୟପାଳ ଶ୍ରୀ ଆର୍ଲେକର ମୁଖ୍ୟମନ୍ତ୍ରୀ ଶ୍ରୀ ବଜୟଙ୍କୁ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରୀ ବିଜୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି କହିଛନ୍ତି, ରାଜ୍ୟବାସୀଙ୍କ କଲ୍ୟାଣପାଇଁ ତାମିଲନାଡୁ ସରକାରଙ୍କ ସହ କେନ୍ଦ୍ର ସରକାର ମିଳିମିଶି କାର୍ଯ୍ୟ କରିବେ ।

## ଦିସାନାୟକେ - ବିଜୟ

ତାମିଲନାଡୁର ଟି.ଭି.କେ. ମୁଖ୍ୟ ସି. ଯୋଶେଫ୍ ବିଜୟ ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଦିସାନାୟକେ କହିଛନ୍ତି, ତାମିଲନାଡୁ ସହିତ ଶ୍ରୀଲଙ୍କାର ଇତିହାସ, ସଂସ୍କୃତି, ଉଦ୍ୟୋଗ ଏବଂ ପାରସ୍ପରିକ ସମ୍ପର୍କ ବହୁ ପୁରାତନ । ବ୍ୟାପକ ଅର୍ଥନୈତିକ ସଙ୍କଳ୍ପ ଏବଂ ସୁଯୋଗ ମାଧ୍ୟମରେ ଉଭୟ ଦେଶ ମଧ୍ୟରେ ସ୍ଥାୟୀ ସମ୍ପର୍କ ବଜାୟ ରଖିବାରେ ଶ୍ରୀଲଙ୍କା ଭାରତକୁ ସବୁପ୍ରକାର ସହଯୋଗ ପ୍ରଦାନ କରିଆସୁଥିବା ଶ୍ରୀ ଦିସାନାୟକେ କହିଛନ୍ତି ।

# ଏଚ୍.ଏମ୍. - ରିଭ୍ୟୁ ମିଟିଂ

ଦେଶରେ ସମ୍ଭାବ୍ୟ ବନ୍ୟା ଏବଂ ଗ୍ରୀଷ୍ମପ୍ରବାହ ସ୍ଥିତିର ମୁକାବିଲା ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜି ନୂଆଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକରେ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିବେ । ବୈଠକ ସମୟରେ ଶ୍ରୀ ଶାହା କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍ଥାର ପ୍ରସ୍ତୁତି, ପ୍ରାକ୍ ସତର୍କତା ବ୍ୟବସ୍ଥା, ସମ୍ବଳ ଉପଯୋଗ ଏବଂ ଆନ୍ତଃ ସଙ୍ଗଠନ ସହଯୋଗ ଆଦି ବିଷୟରେ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି । ବିଶେଷକରି ବୈଠକରେ ଯେଉଁଭଳି ଧନଜୀବନ ହାନି ନ ହେବ, ତାହା ଉପରେ ଗୁରୁତ୍ୱ ଦିଆଯିବ । ଶ୍ରୀ ଶାହା ଦେଶରେ ଦୀର୍ଘକାଳୀନ ବନ୍ୟା ଦୂରୀକରଣ ପଦକ୍ଷେପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହ ନଦୀ ପରିଚାଳନା ପଦକ୍ଷେପ, ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର ସୁରକ୍ଷା ଓ ପାଣିପାଗ ପୂର୍ବାନୁମାନର ବୈଜ୍ଞାନିକ ଅଗ୍ରଗତି ସମ୍ପର୍କରେ ମଧ୍ୟ ସମୀକ୍ଷା କରିବେ । ବୈଠକରେ ଶ୍ରୀ ଶାହା ବିପର୍ଯ୍ୟୟ ସମୟରେ ସଚେତନତା ତଥା ଅତ୍ୟାବଶ୍ୟକ ରିଲିଫ୍ ସାମଗ୍ରୀ ବଣ୍ଟନ ଓ ମେଡିକାଲ୍ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି ।

# ଆସାମ ଇଲେକ୍ଟେଡ୍ ଲିଡର୍

ଆସାମ ବି.ଜେ.ପି. ନବନିର୍ବାଚିତ ବିଧାୟକ ଦଳ ବୈଠକରେ ଡକ୍ଟର ହିମନ୍ତ ବିଶ୍ୱଶର୍ମାଙ୍କୁ ନେତା ଭାବେ ନିର୍ବାଚିତ କରାଯାଇଛି । ଏନ୍.ଡି.ଏ. ବିଧାୟକ ଦଳ ବୈଠକରେ ମଧ୍ୟ ଡକ୍ଟର ଶର୍ମା ନେତା ଭାବେ ମନୋନୀତ ହୋଇଛନ୍ତି । ଉଭୟ ବୈଠକରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ବରିଷ୍ଠ ବି.ଜେ.ପି. ନେତା ଜଗତ୍‌ପ୍ରକାଶ ନଡ୍ଡା ଏବଂ ସହ ପର୍ଯ୍ୟବେକ୍ଷକ ଭାବେ ନାୟେବ ସିଂହ ସାଇନି ଉପସ୍ଥିତ ଥିଲେ । ନେତା ନିର୍ବାଚିତ ହେବା ପରେ ଡକ୍ଟର ବିଶ୍ୱଶର୍ମା ଲୋକଭବନକୁ ଯାଇ ରାଜ୍ୟପାଳ ଲକ୍ଷ୍ମଣପ୍ରସାଦ ଆଚାର୍ଯ୍ୟଙ୍କୁ ଭେଟିବା ସହ ସରକାର ଗଠନ ନେଇ ଦାବି ଉପସ୍ଥାପନ କରିଛନ୍ତି । ଆସନ୍ତା ମଙ୍ଗଳବାର ଦିନ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି । ମିଳିଥିବା ସୂଚନା ଅନୁଯାୟୀ ଖାନ୍‌ପଡ଼ାର ପ୍ରାଣୀଚିକିତ୍ସା ମହାବିଦ୍ୟାଳୟ ପଡ଼ିଆରେ ସମାରୋହ ଅନୁଷ୍ଠିତ ହେବା ନେଇ ପ୍ରସ୍ତୁତି ଚାଲିଛି । ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସମେତ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ ଓ ବି.ଜେ.ପି. ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ଯୋଗଦେବେ ।

## ପ୍ରେଜ୍ - ରଙ୍ଗାସାମୀ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁଡୁଚେରୀର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଏନ୍. ରଙ୍ଗାସାମୀଙ୍କୁ ନିଯୁକ୍ତି ଦେଇଛନ୍ତି । ନିଯୁକ୍ତି ପରେ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀର ଉପରାଜ୍ୟପାଳ କେ. କୈଳାସନାଥନ୍ ନୂଆ ସରକାର ଗଠନ ଲାଗି ରଙ୍ଗାସାମୀଙ୍କୁ ଆମନ୍ତ୍ରଣ କରିଛନ୍ତି । ଆସନ୍ତା ବୁଧବାର ଦିନ ଶ୍ରୀ ରଙ୍ଗାସାମୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ଗତମାସ ୯ ତାରିଖରେ ଅନୁଷ୍ଠିତ ନିର୍ବାଚନରେ ଏ.ଆଇ.ଏନ୍.ଆର୍.ସି. ସମର୍ଥିତ ଏନ୍.ଡି.ଏ.କୁ ସ୍ପଷ୍ଟ ବହୁତମତ ମିଳିଥିଲା । ଶ୍ରୀ ରଙ୍ଗାସାମୀ ପଞ୍ଚମ ଥରପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ ।

## ନାଗାଲାଣ୍ଡ - ବ୍ୟାନ୍

ନାଗାଲାଣ୍ଡରେ ଯାନବବାହନଗୁଡ଼ିକରେ ଷ୍ଟିକର ଏବଂ ସାଇନେଜ୍ ବ୍ୟବହାର ଉପରେ କଟକଣା ଲାଗୁ କରାଯାଇଛି । ଧର୍ମଭିତ୍ତିକ, ଏନ୍.ଜି.ଓ. ସମ୍ପର୍କିତ ଏବଂ ଅନ୍ୟାନ୍ୟ ଅନଧିକୃତ ସ୍ଲୋଗାନ ତଥା ପ୍ରଦର୍ଶନ ଉପରେ ରାଜ୍ୟ ସରକାର ପ୍ରତିବନ୍ଧକ ଲାଗୁ କରିଛନ୍ତି । ମୋଟର ଯାନ ଆଇନ ଏବଂ ତତ୍‌ସଂଲଗ୍ନ ନିୟମାବଳୀର ବ୍ୟବସ୍ଥା ଅନୁଯାୟୀ ପୂର୍ବ ଅନୁମତି ବିନା ବ୍ୟକ୍ତିଗତ

ତଥା ସାର୍ବଜନୀନ ଯାନବାହନଗୁଡ଼ିକରେ ଏଭଳି ପ୍ରଦର୍ଶନ ନ କରିବାକୁ କୁହାଯାଇଛି । ଚଳିତ ବର୍ଷ ଆରମ୍ଭରେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ପରାମର୍ଶ ଆଧାରରେ ଏପରି ପଦକ୍ଷେପ ଗ୍ରହଣ କରାଯାଇଥିବା ରାଜ୍ୟ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି । ଗତମାସ ୩୦ ତାରିଖରେ ଏକ ବିଜ୍ଞପ୍ତି ଜାରି କରାଯାଇଛି । ବିଜ୍ଞପ୍ତି ପ୍ରକାଶର ୪୫ ଦିନ ମଧ୍ୟରେ ଘୋଷିତ ସମସ୍ତ ପ୍ରଦର୍ଶନକୁ ଯାନବାହନରୁ ହଟାଇବାପାଇଁ ଗାଡ଼ି ମାଲିକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଉଲ୍ଲଙ୍ଘନକାରୀଙ୍କ କ୍ଷେତ୍ରରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଯାଇଛି ।

## ଏଜୁକେସନ - ସମର କ୍ୟାମ୍ପ୍

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଚଳିତ ଗ୍ରୀଷ୍ମଋତୁ ନିମନ୍ତେ ସମସ୍ତ ବିଦ୍ୟାଳୟରେ "ଭାରତୀୟ ଭାଷା ଗ୍ରୀଷ୍ମକାଳୀନ ଶିବିର-୨୦୨୬"ର ଆୟୋଜନ କରାଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ କହିଛି, ଏହି ଶିବିର ସପ୍ତାହେ ବ୍ୟାପୀ ଚାଲିବ । ଭାରତର ବିଭିନ୍ନ ଭାଷାଭାଷୀଙ୍କ ମଧ୍ୟରେ ଆତ୍ମପରିଚୟ, ଶବ୍ଦଗଠନ ଜ୍ଞାନ, ଦୈନନ୍ଦିନ ଜୀବନରେ ବ୍ୟବହୃତ କଥୋପକଥନ ଏବଂ ସାଂସ୍କୃତିକ ଭାବବିନିମୟ ହେଉଛି ଏହି ଶିବିର ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ । ଜାତୀୟ ଶିକ୍ଷାନୀତି-୨୦୨୦

ଆଧାରରେ ଭାରତୀୟ ସାଙ୍କେତିକ ଭାଷାକୁ ପ୍ରାଧାନ୍ୟ ଦେବା ଉପରେ ଗୁରୁତ୍ୱ ଦିଆଯାଉଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତବର୍ଷ ଏହି ପ୍ରୟାସ ଆରମ୍ଭ କରିଥିଲେ ।

## ୟୁ.ଏସ୍.-କାତାର ମିଟ୍

ପଶ୍ଚିମ ଏସିଆ ପ୍ରସଙ୍ଗ ନେଇ ଆମେରିକା ଓ କାତାର ମଧ୍ୟରେ ମିଆମିଠାରେ ଆଲୋଚନା ହୋଇଛି । ଆମେରିକାର ବୈଦେଶିକ୍ ମନ୍ତ୍ରୀ ମାର୍କୋ ରୁବିଓ ଓ ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ୍ ୱିଟ୍‌କଫ୍ ଏବଂ କାତାର ପ୍ରଧାନମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀ ମହମ୍ମଦ ବିନ ଅବଦୁଲ ରହମାନ ଅଲ୍-ଥାନିଙ୍କ ମଧ୍ୟରେ ଆମେରିକା-ଇରାନ୍ ଯୁଦ୍ଧ ନେଇ ମତ ବିନିମୟ ହୋଇଛି । ବୈଠକରେ ଯୁଦ୍ଧ ବିରତି ନେଇ ପ୍ରସ୍ତୁତ ଚୁକ୍ତିନାମା ଉପରେ ଚାଲିଥିବା ପ୍ରୟାସ ନେଇ ଆଲୋଚନା ହୋଇଛି । ୱାଶିଂଟନଠାରେ ଏହା ପୂର୍ବରୁ ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କ ସହ ଅଲ-ଥାନି ଆଲୋଚନା କରିଥିଲେ ।

## ୟୁ.ଏସ୍.-କାତାର ମିଟ୍

ପଶ୍ଚିମ ଏସିଆ ପ୍ରସଙ୍ଗ ନେଇ ଆମେରିକା ଓ କାତାର ମଧ୍ୟରେ ମିଆମିଠାରେ ଆଲୋଚନା ହୋଇଛି । ଆମେରିକାର ବୈଦେଶିକ୍ ମନ୍ତ୍ରୀ

ମାର୍କୋ ରୁବିଓ ଓ ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ୍ ୱିଟ୍‌କଫ୍ ଏବଂ କାତାର ପ୍ରଧାନମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀ ମହମ୍ମଦ ବିନ ଅବଦୁଲ ରହମାନ ଅଲ୍-ଥାନିଙ୍କ ମଧ୍ୟରେ ଆମେରିକା-ଇରାନ୍ ଯୁଦ୍ଧ ନେଇ ମତ ବିନିମୟ ହୋଇଛି । ବୈଠକରେ ଯୁଦ୍ଧ ବିରତି ନେଇ ପ୍ରସ୍ତୁତ ଚୁକ୍ତିନାମା ଉପରେ ଚାଲିଥିବା ପ୍ରୟାସ ନେଇ ଆଲୋଚନା ହୋଇଛି । ୱାଶିଂଟନଠାରେ ଏହା ପୂର୍ବରୁ ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କ ସହ ଅଲ-ଥାନି ଆଲୋଚନା କରିଥିଲେ ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ଅପରାହ୍ଣ ସାଢ଼େ ୩ଟାରେ ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ଠାରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ଓ ଚେନ୍ନାଇ ସୁପର କିଙ୍ଗ୍‌ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଦ୍ୱିତୀୟ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ମୁମ୍ବାଇ ଇଣ୍ଡିଆନ୍ସ ପରସ୍ପରକୁ ଭେଟିବେ । ରାୟପୁରର ଶହିଦ ବୀର ନାରାୟଣ ସିଂହ ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ ।

ଗତକାଲି ଜୟପୁରର ସମାଇ ମାନସିଂହ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଗୁଜରାଟ୍ ଟାଇଟନ୍‌ସ ୭୭ ରନ୍‌ରେ ରାଜସ୍ଥାନ ରୟାଲ୍‌ସକୁ ପରାସ୍ତ କରିଥିଲା ।

*****